# ତହସିଲଦାରଙ୍କ କାର୍ଯ୍ୟାଳୟ, ଜୟପାଟଣା, ଜିଲ୍ଲା- କଳାହାଣ୍ଡି

ଲଘୁ ଖଣିଜ ଉତ୍ସ (ପଥର)ର 5 ବର୍ଷିଆ ଲିଜ୍ ନିମନ୍ତେ

<u>ଜଉମୁଦ ଟେଣ୍ଡର ଆହ୍ୱାନ</u>

ଇସ୍ତାହାର ସଂଖ୍ୟା ...୧୦୬୬/ ରେଭି          ତା. ୧୩/୦୫/2020

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜୟପାଟଣା ତହସିଲ ଅନ୍ତର୍ଗତ ଏଥି ସହ ସଂଲଗ୍ନିତ ତାଲିକା ଭୁକ୍ତ ଲଘୁ ଖଣିଜ ଉତ୍ସ ଗୁଡ଼ିକର ଟେଣ୍ଡର ମାଧ୍ୟମରେ ଦୀର୍ଘମିଆଦି ସୂତ୍ରରେ ତଥା 5 ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଲିଜ୍ ର ଅବଧି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ 2016 ଅନୁସାରେ ଶେଷ ପ୍ରକ୍ରିୟା କରଣ (ପରିବେଶ ମଞ୍ଜୁରି) ଠାରୁ ଆରମ୍ଭ ହେବ । ଏଥିପାଇଁ ନିର୍ଦ୍ଧାରିତ ଫାରମ୍ ନଂ "M" ରେ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିପାରିବେ । ପୃଥକ୍ ସଇରାତ ଉତ୍ସ ପାଇଁ ପୃଥକ ଫାରମ୍ ରେ ଟେଣ୍ଡର ଦାଖଲ କରିବାକୁ ପଡ଼ିବ । ଟେଣ୍ଡର ଫାରମ୍ ସହ ସବିଶେଷ ବିବରଣୀ ଟ.1000/- ମୂଲ୍ୟରେ ତହସିଲ କାର୍ଯ୍ୟାଳୟରୁ ତା. 14.05.2020 ରୁ ତା. 28.05.2020 ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସ ଓ ସମୟ (ଅପରାହ୍ନ 1.00 ଘଟିକା) ମଧ୍ୟରେ ମିଳିପାରିବ । ଏହି ରାଶି ଫେରସ୍ତ ଯୋଗ୍ୟ ନୁହେଁ । ଫାରମ୍ ଗୁଡ଼ିକ ଜୟପାଟଣା ତହସିଲ କାର୍ଯ୍ୟାଳୟର ନିଳାମ ଶାଖାରେ ଥିବା ନିଲାମ ବାକ୍ସରେ କାର୍ଯ୍ୟାଳୟ ନିର୍ଘଣ୍ଟ ସମୟରେ ପକାଇବେ କିମ୍ବା ରେଜିଷ୍ଟର୍ଡ / ସ୍ପିଡ୍ ପୋଷ୍ଟ ଜରିଆରେ ଲଘୁ ଖଣିଜ ଦ୍ରବ୍ୟ ନିୟମ 2016 ର ଧାରା 16(7) ଅନୁସାରେ ସମସ୍ତ କାଗଜାତ ସଂଲଗ୍ନ କରି ଲିଜ୍ ପାଇଁ ଧାର୍ଯ୍ୟ ତାରିଖ ମଧ୍ୟରେ ଅର୍ଥାତ୍ ତା. 28.05.2020 ଅପରାହ୍ନ 1.00 ଘଟିକା ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଉକ୍ତ ସମୟ ଅବଧିପରେ କୌଣସି ଟେଣ୍ଡର ପେପର୍ ଗ୍ରହଣୀୟ ନୁହେଁ । ଡ଼ାକ ଜନିତ ବିଳମ୍ବ ଯୋଗୁଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଟେଣ୍ଡର ପେପର ଭର୍ତ୍ତି ହୋଇଥିବା ଲଫାପା ଉପରେ "ଜୟପାଟଣା ତହସିଲ ଅନ୍ତର୍ଗତ ......ଲାଖୀନାହାଲି.......... ମୌଜାସ୍ଥିତ ......ପଥର.............................. ଉତ୍ସ ନିଲାମ ପାଇଁ ଆବେଦନ" ଲେଖା ରହିବା ଆବଶ୍ୟକ ଅଟେ ।

ତା. 29.05.2020 ରିଖ ପୂର୍ବାହ୍ନ 10 ଘଟିକା ସମୟରେ ତହସିଲଦାର, ଜୟପାଟଣାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଟେଣ୍ଡର କମିଟି ଓ ଇଚ୍ଛୁକ ଆବେଦନକାରୀ (କିମ୍ବା ତାଙ୍କ ପ୍ରତିନିଧି)ଙ୍କ ଉପସ୍ଥିତିରେ ଟେଣ୍ଡର ପେପର୍ ଖୋଲାଯିବ । କୌଣସି ଆବେଦନକାରୀ ଅସମ୍ପୂର୍ଣ୍ଣ ଫାରମ୍ କିମ୍ବା ଫାରମ୍ ସହିତ ଆବଶ୍ୟକୀୟ କାଗଜାତ ସଂଲଗ୍ନ ନଥିଲେ ଗ୍ରହଣୀୟ/ବିଚାର ଯୋଗ୍ୟ ହେବ ନାହିଁ । ଯଦି ଉକ୍ତ ଧାର୍ଯ୍ୟ ତାରିଖରେ କୌଣସି କାରଣରୁ ଟେଣ୍ଡର ପେପର ଖୋଲା ନ ହୁଏ ତେବେ ତା. 30.05.2020 ପୂର୍ବାହ୍ନ ଘ. 10.00 ଙ୍କା ସମୟରେ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଖୋଲାଯିବ । ଆବଶ୍ୟକ ସଂଲଗ୍ନକ (3 କିତା) (କ) ଫାରମ-M (ସମ୍ପୂର୍ଣ୍ଣ ରୂପେ ପୂରଣ ହୋଇଥିବା ଆବଶ୍ୟକ) । (ଖ) ଦରଖାସ୍ତ fee ବାବଦରେ ଟ୍ରେଜେରୀ ଚାଲାଣ ଜରିଆରେ ଟ.1000/- ପୈଠ କରି ଚାଲାଣ କପି ସଂଲଗ୍ନ କରିବେ (ଫେରସ୍ତ ଦିଆଯିବ ନାହିଁ) Head of Account No-0853-Non ferrous mining metrological industries (102) mineral, concession fees & royalty । (ଗ) ଟ. 300000/- ଙ୍କା ର ପରିଶୋଧ କ୍ଷମତା ପ୍ରମାଣ ପତ୍ର (Solvency Certificate value of Rs. 3 lakhs) (ଘ) ଦରଖାସ୍ତ ସହିତ ଟ.20000/- ପଥର ଉତ୍ସ ପାଇଁ ଚେକ/ଡ୍ରାଫଟ ଆକାରରେ ପଇଠ କରିଥିବା ରାଶି ଉପରୋକ୍ତ (SD) ସିକ୍ୟୁରିଟି ଡିପୋଜିଟ ବାବଦକୁ adjustment ହେବ । ଯଦି successful bidder ହିସାବରେ ଲିଜ୍ ପ୍ରସ୍ତାବ ଅଗ୍ରାହ୍ୟ କରନ୍ତି, ତେବେ ଉକ୍ତ ଅର୍ଜିତ ରାଶି (EMD) ଫେରସ୍ତ ନ ହୋଇ ସରକାରଙ୍କୁ forfeit କରି 2ୟ ସ୍ଥାନରେ ଥିବା ବ୍ୟକ୍ତିଙ୍କୁ ଲିଜ୍ ପ୍ରକ୍ରିୟା ପାଇଁ ଆମନ୍ତ୍ରଣ କରାଯିବ ଏବଂ unsuccessful bidder ଙ୍କ EMD ଫେରସ୍ତ କରାଯିବ । (ଙ) ପୂର୍ବରୁ କୌଣସି ଖଣିଜାତ ଦେୟ ବକେୟା ନଥିବା ସମ୍ବନ୍ଧେ Affidavit ଜରିଆରେ ଦେବେ (ଚ) ଖଣିଜ ସମ୍ପଦ ଆଇନାନୁଯାୟୀ କୌଣସି ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇ ନଥିବା ସମ୍ବନ୍ଧେ ପ୍ରମାଣ ପତ୍ର Affidavit ଜରିଆରେ ଦାଖଲ କରିବେ (ଛ) ସମସ୍ତ ସ୍ଥାବର ସମ୍ପତ୍ତିର ତାଲିକା ସହିତ ବୈଷୟିକ ଜ୍ଞାନ ଦକ୍ଷତା ତଥା ଉପଲବ୍ଧ ଥିବା ଯନ୍ତ୍ରପାତି ଇତ୍ୟାଦି ସମ୍ପର୍କିତ ତଥ୍ୟ ଦେବେ ଏବଂ (ଜ) ଟେଣ୍ଡର ଫାରମ କିଣା ରସିଦ ଦରଖାସ୍ତ ସହ ସଂଲଗ୍ନ କରିବେ ।

<u>ଚୟନ ପ୍ରଣାଳୀ</u>

(1) ଅସମ୍ପୂର୍ଣ୍ଣ ଅଥବା ଆବଶ୍ୟକୀୟ କାଗଜାତ ସଂଲଗ୍ନ ହୋଇନଥିବା ଦରଖାସ୍ତ ଗୁଡ଼ିକୁ ନାକଚ କରାଯିବ ।

(2) ଘନମିଟର ପିଛା ଲଘୁ ଖଣିଜ ଦ୍ରବ୍ୟ ନିୟମାବଳୀ 2016 ରେ ନିର୍ଦ୍ଧାରିତ ରୟାଲଟି ମୂଲ୍ୟ ଅପରିବର୍ତ୍ତନୀୟ ଅଟେ । ଆବେଦକ କେବଳ ସର୍ବାଧିକ ଅତିରିକ୍ତ ଦେୟ (Addl. Charge) ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

କିନ୍ତୁ ସର୍ବନିମ୍ନ ଅତିରିକ୍ତ ଦେୟ ରୟାଲଟିର 5% ରୁ କମିବ ନାହିଁ (ପ୍ରକାଶ ଥାଉକି ପଥରର ଘନ ମିଟର ପିଛା ରୟାଲଟି ମୂଲ୍ୟ ଟ.130/- ଅଟେ)

(3) ଯଦି ଦୁଇଜଣ ଆବେଦନକାରୀଙ୍କ ଅତିରିକ୍ତ ଦେୟ ମୂଲ୍ୟାଙ୍କ ସମାନ ହୁଏ ତେବେ ଧର୍ମଗୁଳା ସାହାଯ୍ୟରେ ଲିଜ ପଟ୍ଟାଦାର (Leasee) ଚୟନ କରାଯିବ ।

(4) ଯୋଗ୍ୟ ବିବେଚିତ ବ୍ୟକ୍ତି ପଥର ଖାଦାନ ପାଇଁ ଘନମିଟର ପିଛା ନିର୍ଦ୍ଧାରିତ ରୟାଲଟି ଓ ଭୂମିପୃଷ୍ଠ ଖଜଣା (surface rent) ବ୍ୟତୀତ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ଦର, ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠି ଏବଂ ପରିବେଶ ଉନ୍ନୟନ ପାଣ୍ଠି ବାବଦକୁ ଯଥାକ୍ରମେ ରୟାଲଟି ଦେୟର 10% ଓ 5% ହିସାବ (ଦର) ରେ ପ୍ରତ୍ୟେକ ଆର୍ଥିକ ବର୍ଷ ଏକକାଳୀନ ପରିଚାଳନା ପୂର୍ବରୁ ପୈଠ କରିବାକୁ ହେବ ।

(5) ଦରଖାସ୍ତ କେବଳ ଲଘୁ ଖଣିଜ ଦ୍ରବ୍ୟର ଘନମିଟର ପିଛା ଅତିରିକ୍ତ ଦେୟ (Additional charge) ସ୍ପଷ୍ଟ ଭାବରେ ଉଲ୍ଲେଖ ଥିବା ଆବଶ୍ୟକ ।

(6) କ୍ଷମତାପନ୍ନ ଅଧିକାରୀଙ୍କ ଦ୍ବାରା ସ୍ଥିରିକୃତ ହୋଇଥିବା ଅର୍ଜିତ ରାଶି (EMD) ପଥର ପାଇଁ ଟ. 20000/- ଙ୍କା ଡ୍ରାଫ୍ଟ କରିଆରେ ତହସିଲଦାର, ଜୟପାଟଣା ପ୍ରାପ୍ୟ ପାଇଁ ଅର୍ଜିତ ରାଶି ଆକାରରେ ଫାରମ ନଂ- M ରେ ସଂଲଗ୍ନ କରିବେ ।

(7) ଟେଣ୍ଡର ପାଇଁ ବିଜ୍ଞାପନ ଖର୍ଚ୍ଚ ମାଇନିଂ ପ୍ଲାନ ଓ ପରିବେଶ ମଞ୍ଜୁରୀ ସଫଳ ନିଲାମଧାରୀ ମାନେ ବହନ କରିବେ ।

<u>ସର୍ତ୍ତାବଳୀ</u>

1. ସର୍ବାଧିକ ଅତିରିକ୍ତ ଦେୟ (Addl. Charge) ମୂଲ୍ୟାଙ୍କ କରିଥିବା ବ୍ୟକ୍ତିକୁ ଟେଣ୍ଡର ପ୍ରକ୍ରିୟାର 07 ଦିନ ମଧ୍ୟରେ 5 ବର୍ଷିଆ ଲିଜ ପାଇଁ ଜଣାଇ ଦିଆଯିବ ଯାହାକୁ ସେ ଜଣାଇବାର 15 ଦିନ ମଧ୍ୟରେ ଏହି କାର୍ଯ୍ୟାଳୟକୁ ଉକ୍ତ ଲିଜ ପ୍ରକ୍ରିୟା ପ୍ରସ୍ତାବ ଓ ତତ୍ ସମ୍ବନ୍ଧୀୟ ସର୍ତ୍ତାବଳୀ ଗ୍ରହଣୀୟ ବୋଲି ଲିଖିତ ସୂଚନା ଦେବେ । ଯଦି ସେ ସମୟସୀମା ମଧ୍ୟରେ ଲିଖିତ ସୂଚନା ନ ଦିଅନ୍ତି ତେବେ ଅତିରିକ୍ତ ଦେୟ ମୂଲ୍ୟାଙ୍କର 2ୟ ସ୍ଥାନର ବ୍ୟକ୍ତିଙ୍କୁ ଲିଜ ପ୍ରକ୍ରିୟା ପାଇଁ ଆମନ୍ତ୍ରଣ କରାଯିବ । ଯଦି 1ମ ଓ 2ୟ ବ୍ୟକ୍ତି ଲିଜ ପ୍ରକ୍ରିୟାରେ ଅନିଚ୍ଛୁକ ହୁଅନ୍ତି ତେବେ ସଂପୃକ୍ତ ଖାଦାନକୁ ପୁନର୍ବାର ଟେଣ୍ଡର ପ୍ରକ୍ରିୟାରେ ସାମିଲ କରାଯିବ ।

2. ଲିଜ ପ୍ରକ୍ରିୟା ଆରମ୍ଭ କରିବାର ସୂଚନା ସହିତ ସଂପୃକ୍ତ ବ୍ୟକ୍ତି ରୟାଲଟି, ଅତିରିକ୍ତ ଦେୟ ଓ ଜିଲ୍ଲା ଖଣିଜ ଦ୍ରବ୍ୟ ପାଣ୍ଠି ହାରାହାରି ବାର୍ଷିକ ଦେୟର ଏକ ଚତୁର୍ଥାଂଶ ପାଣ୍ଠି ସିକ୍ୟୁରିଟି ପାଣ୍ଠି ଆକାରରେ ପଇଠ କରିବେ, ଯାହାକି ଲିଜ୍ ଅବଧି ପରେ କୌଣସି ଦେୟ ବାକିଆ ନଥିଲେ ଫେରସ୍ତ କରି ଦିଆଯିବ ।

3. ଚୁଡାନ୍ତ ଦରଖାସ୍ତକାରୀ ଲିଜ୍ ପ୍ରକ୍ରିୟା ପ୍ରସ୍ତାବ ଗ୍ରହଣ କରିବାର 30 ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ଅନୁମୋଦିତ RQP ଙ୍କ ମାଇନିଂପ୍ଲାନ ଏବଂ SEIAA ଠାରୁ ପରିବେଶ (Environment Clearance) ଓ Pollution Control Board ଠାରୁ Pollution Clearance ଦାଖଲ କରିବେ ।

4. ସଫଳ ଆଦେଶିକ ସମୟସୀମା ମଧ୍ୟରେ ଅନୁମୋଦିତ ମାଇନିଂପ୍ଲାନ ଓ ପରିବେଶ ବିକାଶ ଦାଖଲ ପରେ ଲିଜ ପଞ୍ଜିକରଣ (confirm) କରାଯିବ ଏବଂ ଲିଜ୍ ଏଗ୍ରିମେଣ୍ଟ ଆସିବା ସହ ରୟାଲଟି କିମ୍ବା ଡେଡ୍ ରେଣ୍ଟ (Dead Rent) ଯେଉଁଟା ଅଧିକ ଭୂମିପୃଷ୍ଠ ଖଜଣା (Surface Rent), ଅତିରିକ୍ତ ଦେୟ (Addl. Charge), ଜିଲ୍ଲା ଲଘୁ ଖଣିଜ ପାଣ୍ଠି (DMF), ପରିବେଶ ପରିଚାଳନା ପାଣ୍ଠି (EMD) ସହିତ ଆୟକର (Income Tax) ରୟାଲଟିର 2 ଶତାଂଶ ପଇଠ କରିବାକୁ ପଡିବ ।

ଦ୍ରଷ୍ଟବ୍ୟ- ଦୀର୍ଘମିଆଦୀ ସୂତ୍ରେ (5 ବର୍ଷ) ଦେବାକୁ ଥିବା ଖଣିଜ ଉତ୍ସ ଏକତାଲିକା ଏଥିରେ ସଂଲଗ୍ନ କରାଗଲା ।

5. Indian Registration Act. ରେ ମାଇନିଂ ପ୍ଲାନ ଅନୁଯାୟୀ ଲିଜ ଅବଧି ମଧ୍ୟରେ ସର୍ବନିମ୍ନ ନିଶ୍ଚିତ ପରିମାଣର ଲଘୁଖଣିଜର ସମସ୍ତ ସରକାରୀ ଦେୟରେ ହିସାବକୁ ନେଇ ଫାରମ ଏନ୍ (N) ରେ ଲିଖିତ ଚୁକ୍ତିନାମା ନିବନ୍ଧନ କରିବେ । ଚୁକ୍ତିନାମାର ମୂଳ ନକଲ ତହସିଲ କାର୍ଯ୍ୟାଳୟରେ ଦାଖଲ କରି ତାହାର ଏକ ନକଲ ଲିଜ୍ ଧାରୀ ନେଇପାରିବେ ।

6. ଲିଜଧାରୀ ନିଜ ଖର୍ଚ୍ଚରେ ଲିଜ ଏରିଆ ଚିହ୍ନଟ କରି ଲିଜସୀମାର ଚତୁଃପାର୍ଶ୍ୱରେ ଅତିକମ୍ ରେ 10 ଟି ଖମ୍ବ ପୋତି (ମାଟି ତଳେ 2 ଫୁଟ ଓ ମାଟି ଉପରେ 1 ଫୁଟ) ଉପର ଅଂଶକୁ ନାଲି ରଙ୍ଗରେ ପ୍ରଦର୍ଶନ କରି ଲିଜ ଫଳକର ବ୍ୟବସ୍ଥା କରିବେ ।

7. ଲିଜ ଟେଣ୍ଡର ପ୍ରକ୍ରିୟାରେ ସନ୍ତୁଷ୍ଟ ନ ହେଲେ ଜିଲ୍ଲାପାଳ, କଳାହାଣ୍ଡି ଆଂଶିକ ବା ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ରଦ୍ଦ କରି ଦେଇ ପାରିବେ ।

8.. ଲିଜ ଚୁକ୍ତିନାମା Registration ପରେ ଲିଜଧାରୀଙ୍କୁ ପ୍ରଥମ ଆଂଶିକ ବର୍ଷ ପରେ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷ ପାଇଁ ସରକାରୀ ଦେୟ ଏକକାଳୀନ ଦେବାକୁ ପଡ଼ିବ । ମାଇନିଂ ପ୍ଲାନରେ ଉଲ୍ଲିଖିତ ପରିମାଣର ଲଘୁ ଖଣିଜ ଦ୍ରବ୍ୟ ପରିବହନ ପାଇଁ ଆବଶ୍ୟକ ଅନୁଜ୍ଞାପତ୍ର (Transit Pass) ନିର୍ଦ୍ଧାରିତ ମୂଲ୍ୟବଦଳରେ ଯୋଗାଇ ଦିଆଯିବ ।

11. ମାଇନିଂ ପ୍ଲାନର ଧାର୍ଯ୍ୟ ପରିମାଣର ଲଘୁ ଖଣିଜ ଦ୍ରବ୍ୟର ସମସ୍ତ ସରକାରୀ ଦେୟ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ପୂର୍ବ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପୈଠ କରିବାକୁ ପଡ଼ିବ ।

12. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ପଦାର୍ଥ ଉତ୍ତୋଳନ ଓ ପରିବହନର ତ୍ରୟମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

ତହସିଲଦାର, ଜୟପାଟଣା